## ମହିଳାଙ୍କୁ ହତ୍ୟା ଅଭିଯୋଗ

ଗଁଦିଆ: ଗଁଦିଆ ବ୍ଲକ ଦଶମାଣପାଟଣା ଗ୍ରାମରେ ନୀଳମଣି ନାଥଙ୍କ ଝିଅ ବିଜୟା (୨୫)ଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ତେବେ ଝିଅକୁ ଶାଶୁଘର ଲୋକେ ହତ୍ୟା କରିଥିବା ନିହାଲପ୍ରସାଦ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ନଂ. ୨୧୦/୨୧ରେ ହତ୍ୟା ମାମଲା ରୁଜୁ କରାଯାଇଛି। ପୋଲିସ ସ୍ୱାମୀ ଏବଂ ଶ୍ୱଶୁରଙ୍କୁ ଅଟକ ରଖି ପଚରାଉଚୁରା କରୁଛି।






## ସଂକ୍ଷେପରେ

### କନ୍ଧରା ଜଙ୍ଗଲରେ ଗୟଳ



**ଢେଙ୍କାନାଳ ଅଫିସ, ୧୬।୧୦:** ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍ କନ୍ଧରା ସଂରକ୍ଷିତ ଜଙ୍ଗଲରେ ଖଞ୍ଜାଯାଇଥିବା ଟ୍ରାପ୍ କ୍ୟାମେରାରେ ଗୟଳ କଏଦ ହୋଇଛନ୍ତି। ଏହାକୁ ବନ ବିଭାଗ ପକ୍ଷରୁ ଟୁଇଟରରେ ଶେୟାର କରାଯାଇଛି। ଏ ସଂକ୍ରାନ୍ତରେ ଡିଏଫ୍ଓ ଡା. ପ୍ରକାଶ ଚାନ୍ଦ ଗୋଗିନେନି କୁହନ୍ତି, କନ୍ଧରା ସଂରକ୍ଷିତ ଜଙ୍ଗଲରେ ବହୁ ସଂଖ୍ୟାରେ ଗୟଳ ଥିବା ଜଣାପଡ଼ିଛି। ସେମାନଙ୍କ ଗତିବିଧି ଉପରେ ବନ କର୍ମଚାରୀ ନଜର ରଖିଛନ୍ତି।

### ଏଲ୍ଆଇସି ଅଫିସରେ ଫୁଟିଲା ଗୁଳି



**ଢେଙ୍କାନାଳ ଅଫିସ, ୧୬।୧୦:** ଢେଙ୍କାନାଳ ଜୀବନ ବୀମା ନିଗମ (ଏଲ୍ଆଇସି) ମୁଖ୍ୟ ଶାଖାରେ ଗୁରୁବାର ମଧ୍ୟାହ୍ନରେ ସୁରକ୍ଷାକର୍ମୀଙ୍କ ଲାଇସେନ୍ସପ୍ରାପ୍ତ ବନ୍ଧୁକରୁ ଗୁଳି ଫୁଟିଛି। ଏଥିରେ ତଳ ମହଲା ଛାତ କଣା ହୋଇଯାଇଛି। କାର୍ଯ୍ୟାଳୟରେ ବହୁ କର୍ମଚାରୀ ଥିବା ବେଳେ ସୌଭାଗ୍ୟବଶତଃ କାହାରି କ୍ଷତି ହୋଇନାହିଁ। ଏଲ୍ଆଇସି କାର୍ଯ୍ୟାଳୟରୁ ସିଏମ୍ଏସ୍ ଭ୍ୟାନ ଯୋଗେ ଆକ୍ସିସ ବ୍ୟାଙ୍କକୁ ଟଙ୍କା ଟ୍ରାନ୍ସଫର କରାଯାଉଥିଲା। କର୍ମଚାରୀମାନେ ଟଙ୍କା ଗଣୁଥିବାବେଳେ ଗନ୍ମ୍ୟାନ କୁମୁଦ କୁମାର ସାହୁ (୫୪)ଙ୍କ ଗୋଡ଼ ବନ୍ଧୁକ ଟ୍ରିଗରରେ ବାଜିଯିବାରୁ ଗୁଳି ଫୁଟିଯାଇଥିଲା। ଟାଉନ ଥାନାଧିକାରୀ ନମିତା ନାୟକ ପହଞ୍ଚି ତଦନ୍ତ କରିଛନ୍ତି। ଏ ସଂକ୍ରାନ୍ତରେ ନଂ. ୪୩୦/୨୧ରେ ଏକ ମାମଲା ରୁଜୁ ହୋଇଛି। ଗନ୍ମ୍ୟାନଙ୍କୁ ଗିରଫ କରାଯିବା ପରେ ଜାମିନରେ ଛଡ଼ାଯାଇଛି।

### ଗ୍ରାମ ସଭାପତିଙ୍କ ପରଲୋକ

ବଇଣ୍ଡା,୧୬।୧୦(ଡି.ଏନ.ଏ.)-ବଇଣ୍ଡା ଗ୍ରାମ ସଭାପତି ଚିନ୍ତାମଣି ପ୍ରଧାନଙ୍କ ଶନିବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ ଗାଧୁଆ ଘରକୁ ଯାଉଥିବାବେଳେ ଗୋଡ଼ ଖସିଯିବାରୁ ପଡ଼ିଯାଇ ଗୁରୁତର ହୋଇଥିଲେ। ତାଙ୍କ



ବିୟୋଗରେ ସମ୍ବଲପୁର ବିଜେଡି ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନ, ଜିଲା ପରିଷଦ ସଦସ୍ୟା ଜୟନ୍ତୀ ପ୍ରଧାନ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

### ସ୍କୁଟି ଧକ୍କାରେ ବୃଦ୍ଧ ମୃତ

ଛେଣ୍ଡିପଦା, ୧୬।୧୦(ସ୍ୱ.ପ୍ର.): ଛେଣ୍ଡିପଦା ଥାନା ଶିମିଳିପାଳ ପଞ୍ଚାୟତର କମାରଘାଇ ପୋଲ ନିକଟରେ ଶୁକ୍ରବାର ସକାଳେ ସ୍କୁଟି ଧକ୍କାରେ ପାତ୍ରପଡ଼ା ଗ୍ରାମର ରାଜକିଶୋର ସାହୁ (୭୦)ଙ୍କ ମୃତ୍ୟୁ ଘଟିଛି। ରାଜକିଶୋର ୫ ବର୍ଷ ହେଲା ବସନ୍ତପୁର ପଞ୍ଚାୟତର ଚାଉଁରିଆପାଳସ୍ଥିତ ନିଜ ଝିଅ ଘରେ ରହୁଥିଲେ। କମାରଘାଇ ପୋଲ ନିକଟରୁ ଶୌଚ ହୋଇ ଘରକୁ ଫେରୁଥିବାବେଳେ ବସନ୍ତପୁରରୁ ବାଗଡିଆ ଯାଉଥିବା ଉକ୍ତ ସ୍କୁଟି ତାଙ୍କୁ ଧକ୍କା ଦେଇଥିଲା। ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ୮ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୧୬।୧୦:** ଅନୁଗୋଳ ଜିଲାରେ ଗତ ୩ ଦିନରେ ୮ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ନୂତନ ଆକ୍ରାନ୍ତଙ୍କ ମଧ୍ୟରେ ବଅଁରପାଳ ବ୍ଲକର ୩, ଅନୁଗୋଳ ବ୍ଲକର ୨, ତାଳଚେର ବ୍ଲକର ୨ ଓ ଆଠମଲ୍ଲିକ ବ୍ଲକର ଜଣେ ରହିଛନ୍ତି। ଅନ୍ୟପକ୍ଷରେ ଜିଲାରୁ ୩ ଦିନରେ ୭ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଜିଲାରେ କ୍ରମାଗତ ଭାବେ ସଂକ୍ରମଣ ହ୍ରାସ ପାଉଛି। ତଥାପି ପାର୍ବଣ ସମୟରେ ସତର୍କ ରହିବାକୁ ଜିଲା ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି।

# ମେଲାଣି ନେଲେ ମା'

**ଅନୁଗୋଳ ଅଫିସ, ୧୬।୧୦**

ଆବଦ୍ଧ ମଣ୍ଡପରେ ପୂଜାର୍ଚ୍ଚନା ପରେ ମେଲାଣି ନେଇଛନ୍ତି ମା' ଦୁର୍ଗା। ଘଣ୍ଟଘଣ୍ଟା, ଢୋଲ ବାଦ୍ୟର ତାଳେ ତାଳେ ନିରାଡମ୍ବର ଭାବେ ଦେବୀଙ୍କୁ ବିଦାୟ ଦେଇଛନ୍ତି ଅନୁଗୋଳବାସୀ। ପୂଜା ଶାନ୍ତି ଶୃଙ୍ଖଳାର ସମାପନ ହୋଇଥିଲେ ମଧ୍ୟ ବିସର୍ଜନରେ ସାମାନ୍ୟ ବିଶୃଙ୍ଖଳା ଦୃଷ୍ଟିଗୋଚର ହୋଇଥିଲା। ପ୍ରଶାସନ ପକ୍ଷରୁ ଅମଲାପଡ଼ାରେ ଅସ୍ଥାୟୀ ପୋଖରୀ କରାଯାଇଥିଲେ ମଧ୍ୟ ବସ୍ୱଷ୍ଟାଣ୍ଡ ପୂଜା କମିଟିକୁ ବାଦ୍ ଦେଲେ ଅନ୍ୟମାନେ ନାଳରେ ମୂର୍ତ୍ତି ଭସାଇଥିଲେ। ଅସ୍ଥାୟୀ ପୋଖରୀ ଦାୟିତ୍ୱରେ ଥିବା ଅଧିକାରୀମାନେ ନିୟମ ଜଗିବା ବଦଳରେ ଅସହାୟତା ପ୍ରକାଶ କରିଥିଲେ। ତେବେ ପ୍ରଶାସନ କରିଥିବା ଅସ୍ଥାୟୀ ପୋଖରୀରେ ଆବଶ୍ୟକ ସୁବିଧା କରାଯାଇ ନ ଥିଲା। ଉକ୍ତ ସ୍ଥାନ ପାଣି କାଦୁଆରେ ଭର୍ତ୍ତି ହୋଇଥିଲା। ତେଣୁ ପୂଜା କମିଟି ସେଠାରୁ ଯିବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ତେଣୁ ଏଭଳି ବ୍ୟତିକ୍ରମ ହୋଇଥିବା ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ଗତବର୍ଷ ମଧ୍ୟ ସମାନ ସମସ୍ୟା ସୃଷ୍ଟି ହୋଇଥିଲା। ଆଗାମୀ ଦିନରେ ଏହାର ପୁନରାବୃତ୍ତି ହେବ ନାହିଁ ବୋଲି ଜିଲା ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ପ୍ରଶାସନର ଖାମଖିଆଲି ମନୋଭାବ ଯୋଗୁ ପ୍ରତିବର୍ଷ ଏଭଳି ସମସ୍ୟା ଉପୁଜୁଥିବା ସହରରେ ଆଲୋଚନା ହେଉଛି।

**ଅସ୍ଥାୟୀ ପୋଖରୀରେ ହେଲାନି ବିସର୍ଜନ**



# ସରିଲା ବଳଦଯାତ୍ରା



**ଭୁବନ, ୧୬।୧୦(ଡି.ଏନ.ଏ.):** କୋଭିଡ୍ କଟକଣା ମଧ୍ୟରେ ଶେଷ ହୋଇଛି ଭୁବନର ଐତିହାସିକ ବଳଦଯାତ୍ରା। ଶୁକ୍ରବାର ନିରାଡମ୍ବର ପରିବେଶରେ ଅନୁକୂଳ ଯାତ୍ରା ସମ୍ପନ୍ନ ହୋଇଥିବାବେଳେ ଶନିବାର ଘଣ୍ଟଘଣ୍ଟା, ହୁଳହୁଳି, ଶଙ୍ଖନାଦ ମଧ୍ୟରେ ମେଲାଣି ନେଇଛନ୍ତି ମା'। ଅନୁକୂଳଯାତ୍ରାରେ ଥୋରିଆ ଏବଂ ବଣିଆ ସମ୍ପ୍ରଦାୟର ୨ ବଳଦ ସାମିଲ ହୋଇଥିଲେ। ସନ୍ଧ୍ୟାରେ ମା' ହିଙ୍ଗୁଳାଙ୍କ ପୀଠରୁ ଆଜ୍ଞାମାଳ ଅଣାଯାଇଥିଲା। ଅତିରିକ୍ତ ତହସିଲଦାର ମନୋଜ କୁମାର ମାଝି, ଥାନା ଅଧିକାରୀ ପ୍ରଶାନ୍ତ ପାତ୍ର, ଶାନ୍ତି କମିଟିର ବରିଷ୍ଠ ସଦସ୍ୟଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବଣିଆ ସମ୍ପ୍ରଦାୟ ପକ୍ଷରୁ ଦଶହରା ବଳଦକୁ ସୁସଜ୍ଜିତ କରି ଜଗନ୍ନାଥ ମନ୍ଦିରକୁ ଅଣାଯାଇଥିଲା। ସେହିପରି ଥୋରିଆ ସମ୍ପ୍ରଦାୟର ବଳଦକୁ ବଡ଼ହାଟରେ ବନ୍ଦାପନା କରାଯାଇଥିଲା। ମା' ବଣିଜାରିଙ୍କ ପୀଠରେ ଅନୁକୂଳ ଯାତ୍ରା ଶେଷ ହୋଇଥିଲା। ଶନିବାର ଶାନ୍ତିଶୃଙ୍ଖଳାର ସହ ଭୁବନର ୧୦ ପୂଜା ପ୍ରତିଷ୍ଠାନ ମା' ଦୁର୍ଗାଙ୍କୁ ବିଦାୟ ଦେଇଛନ୍ତି।

# ରାଜ୍ୟସ୍ତରୀୟ ବନ୍ଧୁକ ଚାଳନା ପ୍ରତିଯୋଗିତା ଆରମ୍ଭ



ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନେ।

**ତାଳଚେର, ୧୬।୧୦(ନି.ପ୍ର.)**

ତାଳଚେରସ୍ଥିତ ରାଜା ହୃଦୟ ଚନ୍ଦ୍ର ଦେବ ଶୁଟିଂ କମ୍ପ୍ଲେକ୍ସ ପରିସରରେ ଶନିବାରଠାରୁ ଆରମ୍ଭ ହୋଇଛି ୫୬ତମ ରାଜ୍ୟସ୍ତରୀୟ ବନ୍ଧୁକ ଚାଳନା ପ୍ରତିଯୋଗିତା। ତାଳଚେର ରାଇଫଲ୍ କ୍ଲବ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାକୁ ବିଧାୟକ ବ୍ରଜକିଶୋର ପ୍ରଧାନ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କ୍ଲବ ସମ୍ପାଦକ ପ୍ରବୀର ଚନ୍ଦ୍ର ଦେବ, 'ଯୁଗମ୍'ର ସମ୍ପାଦକ ଶରତ ଚନ୍ଦ୍ର ଦେବ, କୋଷାଧ୍ୟକ୍ଷ ପ୍ରମୋଦ କୁମାର ସାହୁଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। .୨୨ ବୋର୍ ରାଇଫଲ୍ ଷ୍ଟାଣ୍ଡିଂ ଏବଂ ପ୍ରନ, ୧୭୭ ଏୟାର ରାଇଫଲ, ପିସ୍ତଲ ଇଭେଣ୍ଟ ସମେତ ଅନ୍ୟାନ୍ୟ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ୧୮ ତାରିଖରେ ଏହାର ଉଦ୍‌ଯାପନୀ ଦିବସ ରହିଥିବା ଆୟୋଜକଙ୍କ ସୂତ୍ରରୁ ଜଣାପଡ଼ିଛି।

## ଶାନ୍ତିଶୃଙ୍ଖଳାରେ ମା'ଙ୍କୁ ବିଦାୟ

**କାମାକ୍ଷାନଗର, ୧୬।୧୦(ଡି.ଏନ୍.ଏ.)**

କାମାକ୍ଷାନଗର ପ୍ରସିଦ୍ଧ ଦଶହରା ପର୍ବ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ମୁଣ୍ଡିଦେଉଳି, ଜଗନ୍ନାଥ ବଜାର, ତରୁଣ ବଜାର, ଲକ୍ଷ୍ମୀ ବଜାର ମେନ୍‌ରୋଡ୍ ଆଦି ୧୩ ମଣ୍ଡପରେ ପୂଜା ଅନୁଷ୍ଠିତ ହୋଇଥିଲା। ଶନିବାର ମଧ୍ୟାହ୍ନ ସୁଦ୍ଧା ବିସର୍ଜନ ସମ୍ପନ୍ନ ହୋଇଛି। ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ଏସ୍‌ଡିପିଓ ରଞ୍ଜନ କୁମାର ଦେ, ଥାନାଧିକାରୀ ସୁନୀଲ କୁମାର କର ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

## ମନ୍ଦିର ଦାନବାକ୍ସରୁ ଚୋରି

**କାମାକ୍ଷାନଗର, ୧୬।୧୦(ଡି.ଏନ୍.ଏ.)**

କାମାକ୍ଷାନଗର ଏନ୍ଏସି ମୁଣ୍ଡିଦେଉଳିସ୍ଥିତ କାମେଶ୍ୱର ଶିବ ମନ୍ଦିରରୁ ଶୁକ୍ରବାର ରାତିରେ ଚୋରିହୋଇଛି। ଦୁର୍ବୃତ୍ତମାନେ ମନ୍ଦିର ମୁଖ୍ୟଦ୍ୱାରା ତାଲାଭାଙ୍ଗି ବେଢାରେ ଥିବା ଦାନବାକ୍ସ ଉଠାଇନେଇଥିଲେ। ପୀଠ ନିକଟରେ ଦାନବାକ୍ସ ଭାଙ୍ଗି ଟଙ୍କା ନେଇଯାଇଛନ୍ତି। ଶନିବାର ସକାଳେ ପୂଜକ ମନ୍ଦିର ଦ୍ୱାର ଖୋଲିବାକୁ ଆସିବା ବେଳେ ଘଟଣା ଜଣାପଡ଼ିଥିଲା। ମନ୍ଦିର କମିଟିର ଅଭିଯୋଗକ୍ରମେ ପୋଲିସ ଘଟଣାର ତଦନ୍ତ କରୁଛି।

# ମଞ୍ଚାରୁ ଟେକିନେଇ ଚାଷୀଙ୍କୁ ମାରିଲା ଦନ୍ତା

**ବନ୍ତଳା, ୧୬।୧୦(ଡି.ଏନ୍.ଏ.)**

ହାତୀ ମୁହଁରୁ ଫସଲକୁ ସୁରକ୍ଷା ଦେବାକୁ ନିଆଁହୁଳା ଜାଳି ମଞ୍ଚାରେ ଜଗିଥିଲେ ୩ ଜଣ ଚାଷୀ। ଅଧ ରାତିରେ ହଠାତ୍ ଏକ ହିଂସ୍ର ଦନ୍ତା ମଞ୍ଚାରୁ ଜଣଙ୍କୁ ଶୁଣ୍ଢରେ ଟେକି ନେଇ ଧାନ କିଆରିରେ ଦଳିଦେଲା। ଘଟଣାସ୍ଥଳରେ ଚାଷୀ ପ୍ରକାଶ ସାହୁ (୪୭)ଙ୍କ ମୃତ୍ୟୁ ହୋଇଯାଇଥିବାବେଳେ ପ୍ରମୋଦ ସାହୁ (୫୦), ଚୌଧୁରୀ ସାହୁ (୩୫) ବର୍ତ୍ତିଯାଇଛନ୍ତି। ଅନୁଗୋଳ ରେଞ୍ଜ୍ ପୁରୁଣାକୋଟ ଥାନା ମାଣିକଯୋଡ଼ି ପଞ୍ଚାୟତ କୁଲୁସର ଗ୍ରାମରେ ଘଟିଛି ଏଭଳି ଏକ ଦୁଃଖଦ ଘଟଣା। ପ୍ରକାଶ, ପ୍ରମୋଦ ଏବଂ ଚୌଧୁରୀ ଗୁରୁବାର ରାତିରେ ଧାନ ଫସଲ ଜଗିବାକୁ ଘୁରୁଡ଼ିଆନାଳୀ ଅଞ୍ଚଳରେ ଥିବା ଜମିକୁ ଯାଇଥିଲେ। ମଞ୍ଚାରେ ପ୍ରମୋଦ ଏବଂ ଚୌଧୁରୀଙ୍କ ମଝିରେ ପ୍ରକାଶ ଶୋଇଥିଲେ। ଏହି ସମୟରେ ଏକ ଦନ୍ତା ପ୍ରକାଶଙ୍କୁ ଟେକିନେଇ ଦଳି ଦେଇଥିଲା। ମୃତ ପ୍ରକାଶଙ୍କ ପୁଅଙ୍କୁ ସ୍ଥାୟୀ ୱାଚର ଚାକିରି ଏବଂ କ୍ଷତିପୂରଣ ଦାବିରେ ଗ୍ରାମବାସୀ ମୃତଦେହ ଛାଡ଼ି ନ ଥିଲେ। ଶୁକ୍ରବାର ରେଞ୍ଜ୍ ଅଧିକାରୀ ସତ୍ୟବ୍ରତ ପ୍ରଧାନ, ଏସିଏଫ୍ ରଞ୍ଜନ ବେହେରା, ଫରେଷ୍ଟର ଉଚ୍ଛବ ପ୍ରଧାନ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ଦାବି ପୂରଣ କରିବା ଲାଗି ବନ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯିବାପରେ ମୃତଦେହ ବ୍ୟବଚ୍ଛେଦ ଲାଗି ଯାଇଥିଲା।

## ୫ ଗାଡ଼ି ଜବତ

**ଗଁଦିଆ, ୧୬।୧୦**

ଗଁଦିଆ ବ୍ଲକ ଟୋଲରପଶି କଲେଜ ଛକ ନିକଟରୁ ଶନିବାର ଗଁଦିଆ ଅତିରିକ୍ତ ତହସିଲଦାର ରିତୁ ବେହେରା ଚଢ଼ାଉ କରି ୨ଟି ହାଇୱା, ୨ ମାଙ୍କଡ଼ାପଥର ବୋଝେଇ ଟ୍ରକ୍ ଏବଂ ବଣିଆପଡ଼ାରୁ ଏକ ବାଲି ବୋଝେଇ ହାଇୱା ଜବତ କରିଛନ୍ତି। ଯାଞ୍ଚ ବେଳେ ସମ୍ପୃକ୍ତ ଗାଡ଼ି ଡ୍ରାଇଭର ଆବଶ୍ୟକ କାଗଜପତ୍ର ଦେଖାଇ ପାରି ନ ଥିଲେ। ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଇଛି।

# ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀ ଦେବେ

## କଂଗ୍ରେସ ଛାଡ଼ିବା ପରେ ନବୀନ ନନ୍ଦଙ୍କ ନିଷ୍ପତ୍ତି

**ଢେଙ୍କାନାଳ ଅଫିସ, ୧୬।୧୦**

ଢେଙ୍କାନାଳର ପୂର୍ବତନ ବିଧାୟକ ନବୀନ ନନ୍ଦ କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ଦଳରେ ଥିବା ସମୟରେ ତାଙ୍କ କଥାକୁ ଗୁରୁତ୍ୱ ଦିଆଯାଉ ନ ଥିଲା। ଏଥିରେ ସେ ଅପମାନିତ ହେଉଥିଲେ। ଢେଙ୍କାନାଳର କେତେଜଣ ତଥାକଥିତ ବ୍ୟକ୍ତିଙ୍କ କବ୍‌ଜାରେ କଂଗ୍ରେସ ରହିଛି। ଦଳ ଏବେ ବିଜେଡିର ବି ଟିମ୍ ସାଜିଛି। ତେଣୁ ସେ ଦଳ ଛାଡ଼ିଥିବା ପ୍ରତିକ୍ରିୟାରେ କହିଛନ୍ତି। ହେଲେ ବର୍ତ୍ତମାନ ପରିସ୍ଥିତିରେ ସେ ଅନ୍ୟ କୌଣସି ଦଳରେ ଯୋଗଦେବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ତେବେ ପଞ୍ଚାୟତ ନିର୍ବାଚନରେ ଢେଙ୍କାନାଳ ସଦର ଏବଂ ଗଁଦିଆ ବ୍ଲକରେ ନିଜ ସମର୍ଥକଙ୍କୁ ସରପଞ୍ଚ ଏବଂ ସମିତିସଭ୍ୟ ପଦବୀରେ ଛିଡ଼ା କରାଇବେ। ସେହିପରି ପୌର ନିର୍ବାଚନରେ



ଢେଙ୍କାନାଳ ପୌରାଞ୍ଚଳର ସମସ୍ତ ୱାର୍ଡରେ ନିଜ ସମର୍ଥକଙ୍କୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଛିଡ଼ା କରାଇବେ। ପଞ୍ଚାୟତ ଏବଂ ପୌର ନିର୍ବାଚନ ପରେ ସେ ନିଜର ଭବିଷ୍ୟତ ସମ୍ପର୍କରେ ନିଷ୍ପତ୍ତି ନେବେ ବୋଲି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ନବୀନ ନନ୍ଦ ୨୦୧୯ରେ ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀରୁ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ଏଥିପୂର୍ବରୁ ସେ ଗଁଦିଆରୁ ବିଜେଡି ବିଧାୟକ ଏବଂ ଢେଙ୍କାନାଳରୁ ଏନ୍‌ସିପି ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ।

## ସରପଞ୍ଚ ପଦବୀ ସଂରକ୍ଷଣ ପରିବର୍ତ୍ତନ ଦାବି

**ଛେଣ୍ଡିପଦା,୧୬।୧୦(ସ୍ୱ.ପ୍ର)**

ଛେଣ୍ଡିପଦା ବ୍ଲକ ବାଲିପଙ୍ଗା ପଞ୍ଚାୟତରେ ସରପଞ୍ଚ ପଦବୀ ପାଇଁ ହୋଇଥିବା ସଂରକ୍ଷଣ ବଦଳାଇବା ନେଇ ପଞ୍ଚାୟତବାସୀ ଅନୁଗୋଳ ଜିଲାପାଳଙ୍କଠାରେ ଲିଖିତ ଦାବି କରିଛନ୍ତି। ପଞ୍ଚାୟତବାସୀ କହିଛନ୍ତି, ଗତ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ପଦବୀ ସଂରକ୍ଷିତ ରହିଥିଲା। ସେହିପରି ୨୦୧୭ରେ ଅଣସଂରକ୍ଷିତ, ୨୦୧୨ରେ ପଛୁଆବର୍ଗ (ମହିଳା), ୨୦୦୭ରେ ଅନୁସୂଚିତ ଜାତି, ୨୦୦୨ରେ ଅଣସଂରକ୍ଷିତ ରହିଥିଲା। ବର୍ତ୍ତମାନ ଏହା ମହିଳା ବର୍ଗଙ୍କ ଲାଗି ଉଦ୍ଦିଷ୍ଟ ରହିଛି। ଏହାକୁ ବଦଳାଇ ଅଣସଂରକ୍ଷିତ କିମ୍ବା ପଛୁଆ ବର୍ଗ କରାଯିବା ପାଇଁ ପଞ୍ଚାୟତବାସୀ ଲିଖିତ ଅଭିଯୋଗ କରିଛନ୍ତି।

## ୯୦୦୦ ଲିଟର ପୋଚ ନଷ୍ଟ

ପରଜଙ୍ଗ, ୧୬।୧୦(ଡି.ଏନ୍.ଏ.)-ପରଜଙ୍ଗ ପୋଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ଶନିବାର ଆମ୍ବପଳାସ ଏବଂ ବରକଟା ଗ୍ରାମରେ ଚଢ଼ାଉ କରାଯାଇ ୯୦୦୦ ଲିଟର ମହୁଲ ପୋଚ ଏବଂ ଅନ୍ୟ ସରଞ୍ଜାମ ନଷ୍ଟ କରାଯାଇଛି। ଏଥିସହ ୫୦ ଲିଟର ରନ୍ଧା ମଦ ଜବତ କରାଯାଇଥିବା ପୋଲିସ କହିଛି।









